# ଗଞ୍ଜାମର ବିଭିନ୍ନ ସ୍ଥାନରେ ରଥଯାତ୍ରା

# ରଥରେ ଚତୁର୍ଦ୍ଧାମୂର୍ତ୍ତି, ଭକ୍ତମୟ ପଥ



ସାନଖେମୁଣ୍ଡି



ଗଞ୍ଜାମ



ବେଲଗୁଣ୍ଠା



ଧରାକୋଟ



କବିସୂର୍ଯ୍ୟନଗର



ଶେରଗଡ଼




ଖଲ୍ଲିକୋଟ



କୁଲାଡ଼



ଦିଗପହଣ୍ଡି



ସାରଥୀଧାମ



ବୁଗୁଡ଼ା



ପୁରୁଷୋତ୍ତମପୁର



ଛତ୍ରପୁର

## ଧରାକୋଟରେ ବିରଳ ପରମ୍ପରା

## ଆଜି ପହଣ୍ଡି, କାଲି ରଥଟଣା

ଧରାକୋଟ,୨୭ ।୬(ସମିସ): ଧରାକୋଟ ରଥ ଯାତ୍ରାରେ ବ୍ୟତିକ୍ରମ ପରମ୍ପରା ଦେଖିବାକୁ ମିଳେ। ଶୁକ୍ରବାର ଗୁଣ୍ଡିଚା ତିଥିରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି ଠାକୁର ମାନଙ୍କ ପାଟଡୋର ଧରି ମନ୍ଦିର ଭିତରୁ ଧାଡି ପହଣ୍ଡିରେ ତିନି ଠାକୁରଙ୍କୁ ରଥ ଉପରେ ଉପବିଷ୍ଟ କରାଇଥିଲେ। ଏହା ପରେ ରଥ ଉପରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହେବା ପରେ ସନ୍ଧ୍ୟାରେ ଠାକୁର ମାନଙ୍କୁ ସନ୍ଧ୍ୟା ଆଳତି ପ୍ରଦାନ କରାଯାଇଥିଲା। ଶନିବାର ରଥ ଯାତ୍ରା ପାଇଁ ରଥ, ପଥ ଓ ଜଗନ୍ନାଥ ପ୍ରସ୍ତୁତ ରହିଥିବା ଦେଖାଯାଇଛି।

**ଗଞ୍ଜାମ:** ଗଞ୍ଜାମ ସହର ବଡ଼ବଜାରରେ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ପରେ ଅପରାହ୍ନ ୪ଟାରେ ରଥଟଣା ହୋଇଥିଲା। ପୁରୁଣା ଜଗନ୍ନାଥ ମନ୍ଦିରରେ ପୂଜକ କନ୍ଧ ଶତପଥୀଙ୍କ ତତ୍ତ୍ୱାବାଧାନରେ ତିନିଠାକୁ ରାଥାରୁଢ କରାଯାଇଥିଲା। ଉଭୟ ଜଗନ୍ନାଥ ମନ୍ଦିରରୁ ରଥ ଦୁଇଟିକୁ ଶ୍ରଦ୍ଧାଳୁ ମାନେ ତ୍ରିବେଣୀ ମଠ ଛକ ପର୍ଯ୍ୟନ୍ତ ଟାଣି ନେଇଥିଲେ। ସେହିପରି ସହର ସ୍ଥିତ ଧର୍ମଶାଳା ଜଗନ୍ନାଥ ମନ୍ଦିର ଓ ଚୌଧୁରୀ ସାହିରେ ମଧ୍ୟ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥିଲା।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ସହରର ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରରେ ଅପରାହ୍ନ ୫ଟାରେ ବଳରାମ, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଯଥାକ୍ରମେ ରଥ ନିକଟରେ ପହଣ୍ଡିରେ ଆଣିଥିଲେ ଭକ୍ତ। ଛେରାପହଁରା କରିଥିଲେ ବରିଷ୍ଠ ସମାଜସେବୀ ବିପିନ ବିହାରୀ ଶତପଥୀ।

**ଛତ୍ରପୁର:** ଛତ୍ରପୁର ତାଡ଼େପଲ୍ଲୀସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରାଜା କୈଳାଶ ଚନ୍ଦ୍ର ଦେଓ ରଥରେ ଛେରା ପହଁରା କରିଥିଲେ। ଛତ୍ରପୁର ସହରରେ ଥିବା ଦାସିରି ଜଗନ୍ନାଥ ମନ୍ଦିର, ଅପର ବସଷ୍ଟାଣ୍ଡ ସ୍ଥିତ ଜଗନ୍ନାଥ ମନ୍ଦିର, ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି, ନରେନ୍ଦ୍ରପୁର, ଲଣ୍ଡାବାଉଁଶ ଭଳି ବିଭିନ୍ନ ଗ୍ରାମରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ଶେରଗଡ:** ଶେରଗଡ଼ରେ ଶ୍ରୀଜୀଉଙ୍କ ରଥଯାତ୍ରାରେ ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂ ଦେଓ ଛେରାପହଁରା କରିଥିଲେ। ସାଢେ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶେରଗଡ କଳିଙ୍ଗ ବୈଶ୍ୟ ଯୁବକ ସଂଘ ପକ୍ଷରୁ ରାସ୍ତାକୁ ସଫା କରିବା ସହ ଗୋବର ଓ ହଳଦୀ ପାଣି ପକାଇ ରାସ୍ତାକୁ ଶୁଦ୍ଧ କରାଯାଇଥିଲା। ସେହିପରି ଅଲାରିଗଡରେ ଅନୁଷ୍ଠିତ ଘୋଷଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଛେରାପହଁରା କରିଥିଲେ।

**ପାତ୍ରପୁର:** ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ସାରଥୀ ଧାମରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜରଡ଼ା ରାଜା ଦୀପକ ଚନ୍ଦ୍ର ଦେଓ ସାମନ୍ତରା ରଥରେ ଛେରାପହଁରା ଦେବା ପରେ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇ ଥିଲେ। ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିଭଳି ପାତ୍ରପୁର, ଜୟନ୍ତିପୁର, ପଦାଦିଗୀ, ତୁମ୍ବା ଠାରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁରଙ୍ଗି ଠାରେ ପହଣ୍ଡି ନୀତି ଅନୁଷ୍ଠିତ ହୋଇଯାଇଥିବା ବେଳେ ଶନିବାର ରଥଟଣା ହେବ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ସହରରେ କନକାସାହି, ରଥସାହି, ସମେତ ବ୍ଲକର ଅରଖପୁର, ରାଇପୁର,ବଡ ଖରିଡା ,ହିଣ୍ଡୁଳା , ଆଛୁଲି ପାଣ୍ଡିଆ, ଶିକୁଳା ସହ ବିଭିନ୍ନ ସ୍ଥାନରେ କୁନି କୁନି ପିଲାମାନେ ମଧ୍ୟ ଛୋଟ ରଥରେ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କୁ ରଥାରୂଢ଼ କରି ରଥଯାତ୍ରା ପାଳନ କରାଯାଇଯାଇଛି।

**ବୁଗୁଡା:** ବୁଗୁଡ଼ାରେ ପୁରୋହିତ ରାମାନୁଜ ମହାପାତ୍ର ଓ ପଦ୍ମଚରଣ ଦାଶଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ପରେ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା। ଏହାପରେ ଭକ୍ତମାନେ ରଥ ଟାଣି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପ୍ରତାପଗିରି, ପୋଡ଼ାମାରି, ସିଙ୍ଗିପୁର, ପାଟପୁର, ଜୟନଗର, କଙ୍କୋରଡ଼ା, ନୂଆଗଡ, ଡେଙ୍ଗାଡି ଗ୍ରାମରେ ରଥଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ନୂଆଗଡ, ପ୍ରତାପଗିରି, ପୋଡ଼ାମାରି ଗ୍ରାମରେ ପୋଡ଼ାମାରି ରାଜା ସାହେବ ବୀର କିଶୋର ଦେବ ଯୋଗ ଦେଇ ଛେରା ପହଁରା କରିଥିଲେ।

**ଆସିକା:** ଆସିକାର ସୁନମ୍ବ ସାହି, ସାନମୁନିସାହି, ଖମ୍ବେଶ୍ୱରୀପାଟଣା, କାଳଷଣ୍ଡପୁର, ନଳବଣ୍ଟା, ଚିନି ଶିଳ୍ପ ନୂଆଗାଁ,ଦାମୋଦରପଲ୍ଲୀ ଭଳି ଅନେକ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ସୁନାମ୍ବ ସାହିରେ ଅନୁଷ୍ଠିତ ପ୍ରମୁଖ ଯାତ୍ରାରେ ମନ୍ଦିର ମ୍ୟାନେଜିଙ୍ଗ ଟ୍ରଷ୍ଟି ନାରାୟଣ ମୁନୀ ଓ ଅନ୍ୟ ସଭ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥଲା। ଆସିକା ବିଧାୟକ ସରୋଜ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥଟଣାର ଶୁଭାରମ୍ଭ କରିଥିଲେ।

**ଭଞ୍ଜନଗର:** ଭଞ୍ଜନଗର ନିକଟସ୍ଥ କୁଲାଡରେ ଭଞ୍ଜ ରାଜବଂଶର ଉତ୍ତରାଧିକାରୀ ପ୍ରଶାନ୍ତ ଭଞ୍ଜଦେଓ ରଥରେ ଛେରାପହଁରା କରିଥିଲେ। ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡ଼ିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଉପସ୍ଥିତ ଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ପେଣ୍ଠସାହି ଏବଂ ବାଲିଡ଼ି ସାହି, ଗୋବରା, ଜୟନ୍ତୀଗଡ଼,ପାଇଲିପଡ଼ା ଗ୍ରାମ ଓ ଗାଙ୍ଗପୁର ଥାନା ଅନ୍ତର୍ଗତ ବନ୍ଥପଲ୍ଲୀ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ବନ୍ଥପଲ୍ଲୀରେ ସାମନ୍ତ ରାଜା ଦିଲ୍ଲୀ ରଣସିଂହ ସାମନ୍ତ ଛେରା ପହଁରା କରିଥିଲେ।

**ଖଲ୍ଲିକୋଟ:** ଓଡିଶାର ଦ୍ୱିତୀୟ ବୃହତ୍ତମ ଶ୍ରୀ ଜଗନ୍ନାଥ ମନ୍ଦିରରେ ୩୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ସାଢେ ୫ ଟାରେ ରଥଟଣା ଆରମ୍ଭ ହୋଇଥିଲା। ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ପୁଲିସ ଫୋର୍ସ ସହିତ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ପ୍ରମୁଖ ଉପସ୍ଥିତ ଥିଲେ।

**ଦିଗପହଣ୍ଡି:** ବଡଖେମୁଣ୍ଡି ରାଜାଙ୍କ ଦ୍ୱାରା ପରିଚାଳିତ ଦିଗପହଣ୍ଡି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ମହାପ୍ରଭୁଙ୍କ ରଥ ଉପରକୁ ପହଣ୍ଡି ବିଜେ ନୀତି ସନ୍ଧ୍ୟାରେ ଶେଷ ହୋଇଛି। ସାନଦାଣ୍ଡ ସାହିରେ ନିର୍ମିତ ସାନ ରଥ ଉପରକୁ ଶ୍ରୀ ଦଧିବାମନ ଜଗନ୍ନାଥ ମହାପ୍ରଭୁ ବିଜେ କରିବା ପରେ ଜଗନ୍ନାଥଙ୍କ ବଡରଥ ଉପରେ ବଡ଼ ଖେମୁଣ୍ଡି ରାଜା ଶ୍ରୀ ଲକ୍ଷ୍ମୀ ନାରାୟଣ ଦେବ ଛେରାପହଁରା କରିଥିଲେ। ଏଠାରେ ଶ୍ରୀ ଗୁଣ୍ଡିଚା ଯାତ୍ରା ପରଦିନ ରଥ ଟଣା ପରମ୍ପରା ରହିଛି।



କୁକୁଡ଼ାଖଣ୍ଡି

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

# ଉତ୍ତ୍ୟକ୍ତ ଲୋକେ କଲେ ରାସ୍ତାରୋକ

ସାନଖେମୁଣ୍ଡି,୨୭ ।୬(ସମିସ)

ଗଞ୍ଜାମ ଜିଲ୍ଲା ଜାତୀୟ ରାଜପଥ-୩୨୬ ଅନ୍ତର୍ଗତ ଦିଗପହଣ୍ଡି ଥାନା ଅର୍ନ୍ତଗତ ମୌଳାଭଞ୍ଜା ରାସ୍ତାରେ କାର୍ ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ପାଟପୁର ଲଛବିଲ ସାହିର ରୁଦ୍ର ସାହୁ।

ରୁଦ୍ର ବାଇକ୍‌ରେ ଡେଙ୍ଗାଓସ୍ତାରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ବେଳେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରୁଦ୍ର ରାସ୍ତା କଡରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନିକଟସ୍ଥ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଥାନାକୁ ନେଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ- ୩୨୬ ରେ ଟାୟର ଜାଳି ରାସ୍ତାରୋକ କରିଥିଲେ। ଗତ କିଛିମାସ ହେବ ପୋଡ଼ାମାରି ଠାରୁ ଢ଼ଉଗାଁ ପର୍ଯ୍ୟନ୍ତ ଜାତୀୟ ରାଜପଥ ଉନ୍ନତିକରଣ ଚାଲୁଥିବା ବେଳେ ଠିକାଦାର ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଅବହେଳାରୁ ରାସ୍ତା କାମରେ ବିଳମ୍ବ ଘଟୁଛି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏନେଇ ବିଭିନ୍ନ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଦୁର୍ଘଟଣା ପରେ ଅତିଷ୍ଠ ସ୍ଥାନୀୟ ଲୋକେ ପ୍ରତିବାଦ କରିଛନ୍ତି। ରାଜପଥର ଉଭୟ ପାଖରେ ଶହ ଶହ ଗାଡି ଅଟକି ରହିଥିଲା। ଘଟଣାସ୍ଥଳରେ ଦିଗପହଣ୍ଡି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା ଓ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



## ଗଞ୍ଜେଇ ଜବତ; ୨ ଗିରଫ

ଆସିକା,୨୭ ।୬(ସମିସ): ଅବକାରୀ ବିଭାଗ ପକ୍ଷରୁ ଏକ ଟିମ୍ ପାଟ୍ରୋଲିଂ ବେଳେ ଝଗଡେଇ ଛକ ନିକଟରେ ଝଗଡେଇରୁ ଆସିକା ଅଭିମୁଖେ ଯାଉଥିବା ଏକ ଚାରିଚକିଆ ଯାନକୁ ଅଟକାଇଥିଲା। ସେଥିରୁ ୯୦ କେଜି ଗଞ୍ଜେଇ ଜବତ ସହ ଗାଡ଼ି ଜବତ କରି ୨ ଗଞ୍ଜେଇ ମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଇସମାଲ ଦିଗାଲ ଓ ରଙ୍କନିଧି ଭୂଇଁ ବୋଲି ଅବକାରୀ ବିଭାଗ ସୂଚନା ଦେଇଛନ୍ତି। ଇନ୍ସପେକ୍ଟର ଡମ୍ବୁରୁଧର ହରିଜନ ଏବଂ ମୋବାଇଲ ଟିମ ଅଂଶୁମାନ ଜେନାଙ୍କ ନେତୃତ୍ୱର ଏକ ଟିମ ଗଠନ କରି ଚଢ଼ଉ ହୋଇଥିବା ବେଳେ ଆସିକା ଅବକାରୀ ବିଭାଗ ରାକେଶ ଖୁଣ୍ଟିଆ, ସତ୍ୟ ବେହେରା ଜି. ଭୂଇଁ, ସନ୍ତୋଷ ପ୍ରଧାନ ଓ ମଧୁସୂଦନ ଯାନୀ ସାମିଲ ଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ରଙ୍ଗେଇଲୁଣ୍ଡା,୨୭।୬(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ତୁଲୁ ରୋଡ଼ରେ ଗୁରୁବାର ରାତିରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହିଞ୍ଜିଳାପଲ୍ଲୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ (୨୭)। ଗୁରୁବାର ପୂର୍ଣ୍ଣଚନ୍ଦ୍ର କୌଣସି କାମରେ ବ୍ରହ୍ମପୁର ଯାଇ ରାତି ପ୍ରାୟ ସାଢେ ୯ଟାରେ ବାଇକ ଯୋଗେ ହିଞ୍ଜିଳାପଲ୍ଲୀ ଫେରୁଥିବାବେଳେ ତୁଲୁ ରୋଡ଼ ନିଶା ନିବାରଣ କେନ୍ଦ୍ର ନିକଟରେ ବିପରୀତ ଦିଗରୁ ଏକ ସ୍କୁଟି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ପୂର୍ଣ୍ଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି।

ସ୍ମୃତିରେ ...

ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



୯୯ ତମ ଜୟନ୍ତୀ
ତା: ୨୮.୦୬.୨୦୨୫
(ଶନିବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

# ଶୁଭିଲା ଜୟ ଜଗନ୍ନାଥ; ଗଡ଼ିଲା ତିନିରଥ

## ଭାଇ-ଭଉଣୀଙ୍କୁ ନେଇ ମାଉସୀ ଘରେ ପହଞ୍ଚିଲେ ମହାପ୍ରଭୁ











ବ୍ରହ୍ମପୁର,୨୭ ।୬(ସମିସ)

ରେଶମ ନଗର ବ୍ରହ୍ମପୁର ସହରରେ ବେଶ୍ ଆନନ୍ଦ ଓ ଉଲ୍ଲାସର ସହିତ ରଥଯାତ୍ରା ପାଳିତ ହୋଇଛି । ଜୟ ଜଗନ୍ନାଥ ଧ୍ୱନୀରେ ସହର ପ୍ରକମ୍ପିତ ହୋଇଉଠିଛି । ଚର୍ତୁଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଓ ରଥଟଣା ସମୟରେ ମହୁରୀ, କାହାଳୀ, ଶଙ୍ଖ, ମୃଦଙ୍ଗରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ସକାଳୁ ସହରରେ ଝିପି ଝିପି ବର୍ଷା ହୋଇ ପାଗ ମଧ୍ୟ ବେଶ ଅନୁକୂଳ ରହିଥିଲା । ଫଳରେ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଯାତ୍ରାର ଗାରିମାକୁ ଦ୍ୱିଗୁଣିତ କରିଛି । ସ୍ଥାନୀୟ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ରୀତିନୀତି ସହକାରେ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନରେ ପହଣ୍ଡି ହୋଇଥିଲା । ପରେ ମହାପ୍ରଭୁ ଜଗନ୍ନାଥ, ମାତା ସୁଭଦ୍ରା ଓ ବଡ଼ଭାଇ ବଳେଦବଙ୍କୁ ରଥାରୂଢ଼ କରାଯାଇଥିଲା । ଅପରାହ୍ନରେ ରଥଟଣା ହୋଇଥିଲା । ରାତିରେ ଏଠାରୁ ପହଣ୍ଡି କରାଯାଇ ଦାରୁଦିଅଁଙ୍କୁ ମାଉସୀ ମା' ମନ୍ଦିର ଅଭିମୁଖେ ନିଆଯାଇଥିଲା । ରଥାରୁଢ ହେବା ପରେ ଜଗନ୍ନାଥ ଓ ବଳଭଦ୍ରଙ୍କ ରଥକୁ ଉଭୟ ମହିଳା ଓ ପୁରୁଷମାନେ ଟାଣିଥିବା ବେଳେ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ । ବ୍ରହ୍ମପୁର ସହରର ଅନେକ ରାଜନେତା ଓ ପୁଲିସ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଏଠାରେ ମନ୍ଦିର ପରିଚାଳକ ପଞ୍ଚାନନ ଚୌଧୁରୀ ଉପସ୍ଥିତ ରହି ଘୋଷଯାତ୍ରା ପରିଚାଳନ କରିଥିଲେ । ସେହିପରି କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ମଧ୍ୟ ଅପରାହ୍ନରେ ପହଣ୍ଡି ହୋଇଥିଲା । ଛେରା ପହଁରା ପରେ ପରେ ସନ୍ଧ୍ୟାରେ ରଥଟଣା ହୋଇଥିଲା ।

ଅନୁରୂପ ଭାବେ ଖୋଡ଼ାସିଂ ଜଗନ୍ନାଥ ମନ୍ଦିର, ଖାସ୍‌ପା ସାହି ସ୍ଥିତ ବଡ଼ ଜଗନ୍ନାଥ ଓ ସାନ ଜଗନ୍ନାଥ ମନ୍ଦିରରେ ମଧ୍ୟ ନୀତିକାନ୍ତିରେ ପହଣ୍ଡି ଓ ରଥଟଣା ହୋଇଛି । ଆଦ୍ୟ ସେବକ ଭାବେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ଛେରାପହଁରା କରିଥିଲେ । ପରେ ରଥଟଣା ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ସେହିଭଳି ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂଘ ପକ୍ଷରୁ ରଥଯାତ୍ରା ପାଳନ କରାଯାଇଥିଲା । ଅନୁରୂପ ଭାବେ ବିଜିପୁର ଜଗନ୍ନାଥ ମନ୍ଦିର, ବଡ଼ବଜାର ଜଗନ୍ନାଥ ମନ୍ଦିର, ଶ୍ରୀରାମ ନଗର ଜଗନ୍ନାଥ ମନ୍ଦିର, ଆମ୍ବପୁଆ ଜଗନ୍ନାଥ ମନ୍ଦିର, ଲାଞ୍ଜିପଲ୍ଲୀ ଜଗନ୍ନାଥ ମନ୍ଦିର, ଉତ୍କଳ ଆଶ୍ରମ ସ୍ଥିତ ଜଗନ୍ନାଥ ମନ୍ଦିର, ପାତାଳେଶ୍ୱର ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର ଆଦିରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ସହରର ବିଭିନ୍ନ ସ୍ଥାନରେ ଛୋଟ ପିଲାମାନେ ମଧ୍ୟ ଅତି ଆନନ୍ଦରେ କୁନିରଥ ତିଆରି କରି ଘୋଷଯାତ୍ରା ଆୟୋଜନ କରିଥିବା ଲକ୍ଷ୍ୟ କରାଯାଇଛି । ଜଗନ୍ନାଥ ମନ୍ଦିର ଗୁଡ଼ିକର ରଥ ବାହାରି ସନ୍ଧ୍ୟା ୮ଟା ସୁଦ୍ଧା ମାଉସୀ ମା' ମନ୍ଦିରରେ ପହଞ୍ଚି ସାରିଥିଲା । ସନ୍ଧ୍ୟା ଆଳତୀ ପରେ ଠାକୁରଙ୍କୁ ମାଉସୀ ମା' ମନ୍ଦିରକୁ ନିଆଯାଇଥିଲା ।

ଶାନ୍ତି ଶୃଙ୍ଖଳା ଦୃଷ୍ଟିକୋଣରୁ ସବୁସ୍ଥାନରେ ବ୍ୟାପକ ପୁଲିସ୍ ମୁତୟନ ଥିଲେ । ଏପରିକି ଟ୍ରାଫିକ ସମସ୍ୟା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ରୁଟମ୍ୟାପ୍ ମଧ୍ୟ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୂଚାରୁ ଭାବେ ଯାତ୍ରା ସମ୍ପନ୍ନ ହୋଇଥିଲା । ପ୍ରକାଶଯୋଗ୍ୟ ଯେ, ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଘୋଷଯାତ୍ରାରେ ଜଗନ୍ନାଥଙ୍କ ରଥଟଣା ସମୟରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, କର୍ପୋରେଟର ନୀଳକଣ୍ଠ ସାହୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ସେହିଭଳି ବିଜିପୁର ରଥ ଟଣା ବେଳେ କୌଣସି ତ୍ରୁଟି କାରଣରୁ କିଛି ସମୟ ପର୍ଯ୍ୟନ୍ତ ରଥ ଅଟକି ରହିଥିଲା ।

## ଯୁବକଙ୍କ ମୋବାଇଲ ଲୁଟ୍

ବ୍ରହ୍ମପୁର,୨୭ ।୬(ସମିସ): ଇଞ୍ଜିନିୟରିଂ ସ୍କୁଲ ନିକଟରେ ଜଣେ ଯୁବକଙ୍କ ମୋବାଇଲ ଲୁଟ ହୋଇଛି । ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ଗତ ୨୫ତାରିଖ ରାତି ୯ଟାରେ ନିଗମ ନଗର ତୃତୀୟ ଲାଇନ ନିବାସୀ ଏ. ଜଗା ରାଓ(୩୦) ସ୍ଥାନୀୟ ଇଞ୍ଜିନିୟର ସ୍କୁଲ ନିକଟସ୍ଥ ଓଭର ବ୍ରିଜ ନିକଟରେ ନିଜ ସାଙ୍ଗ ସହ କଥା ହେଉଥିବା ବେଳେ ଗୋଟିଏ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ସେ ଧରିଥିବା ମୋବାଇଲକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ ।

### ସର୍ବସାଧାରଣଙ୍କ ରାସ୍ତାକୁ ପ୍ଲଟ୍ ଦର୍ଶାଇ ୬୭ ଲକ୍ଷ ହଡ଼ପ ମାମଲା

## ମହିଳାଙ୍କ ସମେତ ୨ ଗିରଫ; ୨ଫେରାର

ବ୍ରହ୍ମପୁର,୨୭ ।୬(ସମିସ)

ସର୍ବସାଧାରଣଙ୍କ ରାସ୍ତାକୁ ପ୍ଲଟ୍ ଦର୍ଶାଇ ବିକ୍ରି କରି ଜଣେ ବ୍ୟକ୍ତିଙ୍କ ଠାରୁ ୬୬ଲକ୍ଷ ୯୬ହଜାର ୫ଶହ ଟଙ୍କା ଠକେଇ ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ଘଟଣାରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ପୁଲିସ ଗିରଫ କରିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଫେରାର ଥିବା ଜଣାପଡିଛି । ଗିରଫ ୨ଜଣ ହେଲେ ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀନଗର ସ୍ୱେକ୍ଟ୍ରମ କଲୋନୀର ରୀତା ଦଳାଇ(୭୦) ଓ ବଡ଼ବଜାର ଶାନ୍ତିନଗର ୧ମ ଲାଇନର ସଞ୍ଜୀବ ରତନ(୪୨) । ସେହିପରି ଏହି ଠକେଇରେ ସମ୍ପୃକ୍ତ ଆଉ ୨ଜଣ ଯଥା ରୀତାଙ୍କ ସ୍ୱାମୀ ଜଳନ୍ଧର ଦଳେଇ ଓ ମନୋଜ କୁମାର ପଣ୍ଡା ଫେରାର ରହିଥିବା ବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦେଇଛନ୍ତି ।

ସୂଚନାପ୍ରକାରେ, ବଡ଼ବଜାର ଥାନା ଅନ୍ତର୍ଗତ ପଦ୍ମନଗର ପୁଲିସ କଲୋନୀ ନିବାସୀ ମିଳନ କୁମାର ସାହୁ କିଛିମାସ ପୂର୍ବେ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ନୀଳକଣ୍ଠପୁର ମୌଜାର ଖାତା ନଂ. ୧୭୪/୨୮୮୦ ଓ ପ୍ଲଟ ନଂ. ୨୯୨ରେ ଥିବା ୦.୦୪୨ ଡେସିମିଲ ବିଶିଷ୍ଟ ଏକ ପ୍ଲଟ କ୍ରୟ କରିଥିଲେ । ଗାନ୍ଧୀନଗର ସ୍ୱେକ୍ଟ୍ରମ କଲୋନୀର ଜଳନ୍ଧର ଦଳେଇ ତାଙ୍କୁ ଏହି ପ୍ଲଟଟି ୬୭ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ । କିଣାବିକା ବେଳେ ଜଳନ୍ଧରଙ୍କ ପତ୍ନୀ ରୀତା ଓ ୨ଜଣ ମଧ୍ୟସ୍ଥି ଯଥା ସଞ୍ଜୀବ ରତନ ଓ ମନୋଜ କୁମାର ପଣ୍ଡା ସାମିଲ ଥିଲେ । ଜମି ମାଲିକ ଜଳନ୍ଧରଙ୍କ ସମେତ ଉପରୋକ୍ତ ୩ ଅଭିଯୁକ୍ତ ବ୍ରହ୍ମପୁର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ମିଳନଙ୍କ ନାମରେ ଜମିର ପଞ୍ଜିକରଣ ମଧ୍ୟ କରାଇଥିଲା । ଏପରିକି କିଛିଦିନ ପରେ ମିଳନଙ୍କ ନାମରେ ସେଲ ଡିଡ୍ ଓ ଉକ୍ତ ପ୍ଲଟର ଅସଲି ପଟ୍ଟା ମଧ୍ୟ ମିଳିଥିଲା । ତେବେ ଗତ କିଛିଦିନ ପୂର୍ବେ ମିଳନ ଉକ୍ତ ପ୍ଲଟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯିବାବେଳେ ସେଠାରେ ସେଭଳି କୌଣସି ପ୍ଲଟ୍ ନଥିବା ଜାଣିବାକୁ ପାଇଥିଲେ । ଯାଞ୍ଚପରେ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରି ଉକ୍ତ ଅଞ୍ଚଳରେ ଥିବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏକ ରାସ୍ତା ଓ ଅନ୍ୟଜଣେ ବ୍ୟକ୍ତିଙ୍କ ପ୍ଲଟ୍‌ର କିଛି ଅଂଶକୁ ମିଳନଙ୍କ ନାମରେ ପଞ୍ଜିକରଣ କରି ଠକିଥିବା ଜଣାପଡିଥିଲା ।





ତେବେ ତାଙ୍କୁ ଏକ ଭୂତ ପ୍ଲଟ ବ୍ରିକ୍ରି କରି ପଟ୍ଟା ଧରାଇ ଦିଆଯାଇଥିବା ଜାଣିବା ପରେ ମିଳନ ଅଭିଯୁକ୍ତଙ୍କୁ ପଚାରିବା ପରେ ସେମାନେ ଧମକଚମକ ଦେଇଥିଲେ । ନିରାଶ ହୋଇ ଶେଷରେ ମିଳନ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା(ନଂ.୨୫୮/୨୫) ରୁଜୁ କରି ୨ଜଣଙ୍କୁ ଗିରଫ କରିଛି । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଉକ୍ତ ପ୍ଲଟ କିଣାବିକା ବେଳର ଇ-ଷ୍ଟାମ୍ପ ସ୍ଲିପ୍, ଅସଲି ସେଲ୍‌ଡିଡ୍, ପଟ୍ଟା, ଟ୍ରେସ ମ୍ୟାପ, ଇ-ରେଜିଷ୍ଟ୍ରେସନ ସ୍ଲିପକୁ ଜବତ କରିଛି । ପୂର୍ବରୁ ମଧ୍ୟ ଜମି ଜାଲିଆତି ମାମଲାରେ ରୀତା ଗିରଫ ହୋଇ ଜେଲ ଯାଇଥିବା ପୁଲିସ କହିଛି ।

● ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ମାମଲା

## ରିମାଣ୍ଡ ଅବଧି ସରିଲା, ଜେଲ୍ ଫେରିଲେ ଅଭିଯୁକ୍ତ

ବ୍ରହ୍ମପୁର,୨୭ ।୬(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଗିରଫ ୬ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୪୮ ଘଣ୍ଟା ରିମାଣ୍ଡରେ ନେଇ ଜେରା କରିଥିଲା । ଗୁରୁବାର ରିମାଣ୍ଡ ଅବଧି ସରିବା ପରେ ସମସ୍ତ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଗୋପାଳପୁର ଥାନାରୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ପରେ ସମସ୍ତେ ପୁଣି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଫେରିଛନ୍ତି । ୪୮ ଘଣ୍ଟାର ରିମାଣ୍ଡ ଅବଧି ମଧ୍ୟରେ ଅଭିଯୁକ୍ତଙ୍କ ଠାରୁ କ୍ରାଇମବ୍ରାଞ୍ଚ ବହୁ ତଥ୍ୟ ଓଗାଳି ଥିବା ବେଳେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଏହା ସହାୟକ ହେବ ବୋଲି ଜଣାପଡିଛି ।

ବହୁଚର୍ଚ୍ଚିତ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ବ୍ରହ୍ମପୁର ପୁଲିସ ୧୦ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୬ଜଣ ସାବାଳକ ଥିବାବେଳେ ଅନ୍ୟ ୪ଜଣ ନାବାଳକ । ସାବାଳକ ୬ ଜଣଙ୍କୁ ଗତ ୨୪ତାରିଖରେ କ୍ରାଇମବ୍ରାଞ୍ଚ ୪୮ ଘଣ୍ଟା ବା ଦୁଇଦିନ ପାଇଁ ରିମାଣ୍ଡରେ ନେଇଥିଲା । ୨୪ତାରିଖ ସନ୍ଧ୍ୟାରେ ହିଁ କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନି ପ୍ରାୟ ୫ଘଣ୍ଟାରୁ ଉର୍ଦ୍ଧ୍ୱ କାଳ ମାରାଥନ ଜେରା କରିଥିଲେ । ପରେ ବୁଧବାର ଓ ଗୁରୁବାର ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ ପଚରାଉଚରା କରିବା ପରେ ପୂର୍ବାହ୍ନରେ କୋର୍ଟରେ ହାଜର କରାଯାଇଥିଲା । ଘଟଣାରେ ପ୍ରଥମେ ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ଼ କରାଯାଇଥିବା ବେଳେ ପିଡିତା ଜଣକ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ସୂଚନା ମିଳିଛି ।

### ସିପିଏମ୍‌ର ଆଲୋଚନାଚକ୍ର

## 'ଦେଶର ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଜନଆନ୍ଦୋଳନ ଜରୁରୀ'

ବ୍ରହ୍ମପୁର,୨୭ ।୬(ସମିସ)

ସିପିଏମ୍ ପକ୍ଷରୁ ଦେଶରେ ଜରୁରୀକାଳୀନ ପରିସ୍ଥିତିର ୫୦ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ପରିସରରେ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ "ଜରୁରୀକାଳୀନ ପରିସ୍ଥିତିର ୫୦ବର୍ଷ ଓ ସାମ୍ପ୍ରତିକ ଅବସ୍ଥା' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା ବନ୍ଦୀଭାବେ ୧୯ମାସ ଜେଲ ଖଟିଥିବା ତଥା ରାଜ୍ୟ ସରକାରଙ୍କ ମିଶା ବନ୍ଦୀ ଭତ୍ତାକୁ ପ୍ରତ୍ୟାଖାନ କରିଥିବା ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତିକୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ କଳଙ୍କମୟ ଇତିହାସ ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଦେଶରେ ତତ୍କାଳୀନ ଅବସ୍ଥାରେ ଗରିବୀ, ବେକାରୀ, ଦୁର୍ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଫଳ ହୋଇଥିଲେ । ତେଣୁ ଦେଶବ୍ୟାପୀ ପ୍ରତିବାଦ ହୋଇଥିଲା । ଜରୁରୀକାଳୀନ ପରିସ୍ଥିତି ହଟିବା ସହିତ ଶ୍ରୀମତୀ ଗାନ୍ଧୀଙ୍କୁ ମଧ୍ୟ ଲୋକେ କ୍ଷମତାରୁ ହଟାଇଥିଲେ ।

ମାତ୍ର ଏହି କଳଙ୍କିତ ଅଧ୍ୟାୟର ୫୦ବର୍ଷ ପୂର୍ତ୍ତି ପାଳନ ବେଳେ ଆମ ଦେଶର ପରିସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ୨୦୧୪ମସିହାରୁ ମୋଦି କ୍ଷମତାସୀନ ହେବା ପରଠାରୁ ଦେଶରେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବା ଅଳିକିଶୋର ଅଭିଯୋଗ କରିଛନ୍ତି । ବିରୋଧି ଦଳ ଉପରେ ଦମନ, ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣରେ ରଖିବା, ଶ୍ରମଜୀବୀ ଆନ୍ଦୋଳନକୁ ଦମନ କରିବା, ଦେଶର ସାମ୍ବିଧାନିକ ବ୍ୟବସ୍ଥା ଗୁଡିକୁ ନିୟନ୍ତ୍ରଣ କରିବା, ବିଚାର ବିଭାଗକୁ ଦୁର୍ବଳ କରିବା ଏବଂ ଦେଶର ସମ୍ପତ୍ତିକୁ କର୍ପୋରେଟ ହାତରେ ଟେକିଦେବା ଭଳି କାର୍ଯ୍ୟ ଅହରହ ଚାଲିଛି । ତେଣୁ ଏହି ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ବ୍ୟାପକ ଆନ୍ଦୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମଚନ୍ଦ୍ର ନାୟକ ଆଲୋଚନା ସଭାକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହରିକୃଷ୍ଣ ରେଡି, ଦିଲୀପ ଛୋଟରାୟ, ଶିବପ୍ରସାଦ ମହାପାତ୍ର, ଅଜୟ ଗୌଡ଼, ବିଦ୍ୟାଧର ଜେନା ପ୍ରମୁଖ ମଞ୍ଚାସିନ ଥିଲେ । ଶେଷରେ ଅଳିକିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।




### ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ନାକ ତଳେ ଚାଲିଛି କଳା କାରନାମା

## ବ୍ରହ୍ମପୁର ସହର ଓ ଜିଲ୍ଲାରେ ମାଲ ମାଲ ଘରୋଇ ନର୍ସିଂହୋମ୍ ଓ କ୍ଲିନିକ୍

ବ୍ରହ୍ମପୁର,୨୭ ।୬(ସମିସ)

ଘରୋଇ ନର୍ସିଂ ହୋମ୍ ବା କ୍ଲିନିକ୍ କରିବାକୁ ବିଭିନ୍ନ ନୀତିନିୟମ ରହିଛି । ତେବେ ନିୟମିତ ବ୍ୟବଧାନରେ ଏହାର ତଦାରଖ କରାଯାଉ ନଥିବାରୁ ଏହାର ସୁଯୋଗ ନେଇ ଅସାଧୁ ବ୍ୟକ୍ତିମାନେ ସ୍ୱାସ୍ଥ୍ୟସେବାକୁ ବ୍ୟବସାୟରେ ପରିଣତ କରି ଖୋଲିବାରେ ଲାଗିଛନ୍ତି ଘରୋଇ ନର୍ସିଂହୋମ ଓ କ୍ଲିନିକ । ପ୍ରଶାସନ ପକ୍ଷରୁ କାଁ ଭାଁ ଲୋକଦେଖାଣିଆ ଯାଞ୍ଚ କରାଯାଉଥିବା ବେଳେ ଗଞ୍ଜାମ ଜିଲ୍ଲାରେ ୨୦୧୨ ମସିହା ପରଠାରୁ ଏଭଳି ଯାଞ୍ଚ ହୋଇନଥିବା ଶୁଣିବାକୁ ମିଳିଛି । ପରିସ୍ଥିତି ଏଭଳି ହୋଇଛି ଯେ ଗଳିକନ୍ଦିରେ ଯେଉଁଠି ଯିଏ ପାରିଲା ଗୋଟିଏ ନର୍ସିଂ ହୋମ ଆଉ କ୍ଲିନିକ୍ ଖୋଲି ବସିଛନ୍ତି ।

● ଅନେକଙ୍କର ନାହିଁ ଖାତା ଖତିଆନ
● 'କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ'ର ଖୋଲା ଉଲ୍ଲଂଘନ
● 'ବାଜପେୟୀ ଆରୋଗ୍ୟଧାମ' ଭଳି ରହିଛି ଅନେକ ବେନିୟମ ନର୍ସିଂହୋମ ଓ କ୍ଲିନିକ୍

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲାରେ ମୋଟ ୧୩୨ଟି ଘରୋଇ ନର୍ସିଂ ହୋମ୍ ଓ କ୍ଲିନିକ ରହିଛି । ସେଥିମଧ୍ୟରୁ ୧୦୦ଟି କେବଳ ବ୍ରହ୍ମପୁର ସହରରେ । ଗୋଟିଏ ଘରୋଇ ନର୍ସିଂହୋମ୍ ବା କ୍ଲିନିକ ଖୋଲିବାକୁ ହେଲେ ଶଯ୍ୟା ଅନୁଯାୟୀ ପୃଥକ ପୃଥକ ନିୟମ ରହିଥିଲେ ହେଁ ସରକାରଙ୍କ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଇନରେ ସମସ୍ତଙ୍କୁ ବନ୍ଧା ହେବାକୁ ପଡିବ । ଏଥିପାଇଁ ଆବଶ୍ୟକ ପ୍ରଦୂଷଣ, ଟ୍ରେଡ ଲାଇସେନ୍ସ, ଇଲେକ୍ଟ୍ରିକ କ୍ଲିଅରାନ୍ସ, ଅଗ୍ନିଶମ ବିଭାଗର ଏନ୍‌ଓସି ଏବଂ ଘର ମାଲିକଙ୍କ ରେଣ୍ଟ ବାବଦ ଚୁକ୍ତି ସର୍ବନିମ୍ନ ଜରୁରୀ । ଏଥିରୁ ଗୋଟିଏ ମଧ୍ୟ ଅଭାବ ଥିଲେ କ୍ଲିନିକ ବା ନର୍ସିଂହୋମ ପ୍ରତିଷ୍ଠା କରିବା ସମ୍ଭବପର ନୁହେଁ । ପୂର୍ବରୁ ଏଥିପାଇଁ ଅଫ୍‌ଲାଇନରେ ଆବେଦନ କରି ପଞ୍ଜିକରଣ କରାଯାଉଥିବା ବେଳେ ବର୍ତ୍ତମାନ ସବୁକିଛି ଅନ୍‌ଲାଇନରେ କରାଯାଉଛି । ଆବଶ୍ୟକ ସବୁ ନଥିପତ୍ର ଅପଲୋଡ କରିବା ପରେ ପଞ୍ଜିକରଣ ହୋଇଥାଏ । ଥରେ ପଞ୍ଜିକରଣ ହେଲେ ଏହାର ଅବଧି ୫ବର୍ଷ ପାଇଁ ରହିଛି । ତେବେ ଏଥିପାଇଁ ଆବଶ୍ୟକ ପ୍ରମାଣପତ୍ର ବା ସାର୍ଟିଫିକେଟ ହାସଲ କରିବା କାଠିକର ପାଠ ହେଉଥିବାରୁ ବିନା ନଥିପତ୍ର ତଥା ବିନା ପଞ୍ଜିକରଣରେ ମଧ୍ୟ ଅନେକ ନର୍ସିଂହୋମ ଓ କ୍ଲିନିକ୍ ଚାଲୁ ରହିଥିବା ଜଣାପଡିଛି ।

ଜଣେ ନାବାଳିକାଙ୍କୁ ଚାକିରିର ଲୋଭ ଦେଖାଇ ବାଜପେୟୀ ଆରୋଗ୍ୟଧାମର ମାଲିକ ତଥା ନକଲି ଡାକ୍ତର ଭବାନୀ ଶଙ୍କର ଦାସ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଛନ୍ତି । ଏହି ଘଟଣାର ତଦନ୍ତ ବେଳେ ସମ୍ପୃକ୍ତ ଘରୋଇ କ୍ଲିନିକ୍ ବେନିୟମ ଏପରିକି ନିଜକୁ ଡାକ୍ତର ବୋଲାଉଥିବା ଭବାନୀଙ୍କର ସାର୍ଟିଫିକେଟ ନକଲି ବୋଲି ବ୍ରହ୍ମପୁର ଏସ୍‌ପି ପ୍ରେସ ରିଲିଜ ଜରିଆରେ ସ୍ପଷ୍ଟ କରିଥିଲେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଥାନାଠାରୁ ମାତ୍ର ୫୦ମିଟର ଦୂରତାରେ ଏଭଳି ଏକ ବେନିୟମ କ୍ଲିନିକ ଦୀର୍ଘବର୍ଷ ଧରି ଚାଲୁଥିବା ବେଳେ କାହାରି ନଜର କିଭଳି ପଡୁନଥିଲା । ବର୍ତ୍ତମାନ ସହରରେ ଥିବା ୧୦୦ଟି କ୍ଲିନିକ ଓ ନର୍ସିଂହୋମ ମଧ୍ୟରୁ କେଉଁଗୁଡିକ ଅଣପଞ୍ଜିକୃତ ଓ ବେନିୟମ ତାହାର ତଦନ୍ତ କିଏ କରିବ । ଏଥିପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ମିଳିତ କମିଟି ଯାଞ୍ଚ କରିବ ତ?



ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ବର୍ତ୍ତମାନ ବ୍ରହ୍ମପୁର ସହରରେ ଥିବା ପ୍ରାୟ ୧୦୦ଟି ଘରୋଇ ନର୍ସିଂହୋମ ଓ କ୍ଲିନିକ ମଧ୍ୟରୁ ୪ଟିର ପଞ୍ଜିକରଣ ହୋଇନାହିଁ । କିଏ ଆବେଦନ କରି ଚୁପ ବସିଛି ତ ଆଉ କିଏ ଆବଶ୍ୟକ ସାର୍ଟିଫିକେଟ ଯୋଗାଡ କରିପାରିନାହିଁ । ତଥାପି ସେସବୁ ଚାଲିଛି । ସବୁଠାରୁ ବଡ଼କଥା ହେଲା ଗ୍ରାମାଞ୍ଚଳରେ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ବଢୁଥିବା ନେଇ ଅଭିଯୋଗ ହେଉଥିବାବେଳେ ବ୍ରହ୍ମପୁର ଭଳି ସହରରେ ନକଲି ଡାକ୍ତର ଓ ବେନିୟମ କ୍ଲିନିକ ଓ ନର୍ସିଂହୋମ ପ୍ରତିଷ୍ଠା କରି ସ୍ୱାସ୍ଥ୍ୟସେବାକୁ କିଛି ବ୍ୟକ୍ତି ବ୍ୟବସାୟ କରୁଛନ୍ତି । ଏଣୁ ତୁରନ୍ତ ଏଭଳି ବେନିୟମ ନର୍ସିଂହୋମ ଓ କ୍ଲିନିକ୍ ଉପରେ ଚଢ଼ଉ କରିବା ସହିତ ନକଲି ଡାକ୍ତରଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

### ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ

# ଅତିଥି ପ୍ରଫେସର ଓ ଅଧ୍ୟାପକ ନିଯୁକ୍ତି ପୂର୍ବରୁ କେଁ

- ପୁରୁଣାଙ୍କୁ ପ୍ରବେଶ ଲାଗି କସରତ
- ଚୟନ କମିଟି ସଦସ୍ୟଙ୍କ ଯୋଗ୍ୟତା ନଥିବା ଅଭିଯୋଗ

ରଙ୍ଗେଇଲୁଣ୍ଡା,୨୭ ।୬(ସମିସ)

ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ଗଞ୍ଜାମ ଜିଲ୍ଲାର କନିଷି ହାଟରେ ଥିବା ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନକୁ ବିବାଦ ପିଛା ଛାଡୁନି। ଗତ କିଛିଦିନ ହେଲା ଏହି ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ହେବା ନେଇ ବିଭାଗ ଓ ରାଜନେତା ସ୍ତରରେ ଲବି ଜୋରଦାର ହେଉଥିବା ବେଳେ ସମ୍ପ୍ରତି ଅତିଥି ପ୍ରଫେସର, ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ପୂର୍ବରୁ କେଁ ଦେଖାଦେଇଛି। ଅଧ୍ୟକ୍ଷ ପଦବୀ ଲାଗି ପୂର୍ବତନ ଅଧ୍ୟାପକମାନେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଛାମୁଆ ଅଫିସରଙ୍କୁ ଧରିଥିବାବେଳେ ଆଉ କିଛି ରାଜନେତାଙ୍କ ଶରଣାପନ୍ନ ହୋଇଛନ୍ତି।

ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ଖାଲି ପଡ଼ିଥିବା ଅନୁଷ୍ଠାନ ମାନଙ୍କରେ ଅତିଥି ଅଧ୍ୟାପକ, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ଲାଗି ଗତ ୨୪ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଖୁବଶୀଘ୍ର ଆସନ୍ତା ୧୮ ତାରିଖ ମଧ୍ୟରେ ଏହି ପଦବୀ ପୂରଣ କରାଯିବ ବୋଲି ସୂଚନା ମିଳିଛି। କିନ୍ତୁ ଦିବାକର ପଟ୍ଟନାୟକ ଉଚ୍ଚତୋର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନରେ ଆସିଷ୍ଟାଣ୍ଟ ପ୍ରଫେସର ଚୟନକୁ ନେଇ ବିବାଦ ଘନେଇଛି। ଏନ୍‌ସିଟିଇ ନିୟମ ଅନୁସାରେ ପ୍ରଫେସର ହେବା ଲାଗି ଏମ୍‌ଏ କିମ୍ବା ଏମ୍‌ଏଡ଼ ବିଷୟଗତ ସ୍ନାତକ ଆବଶ୍ୟକତା ରହିଛି। ହେଲେ ବର୍ତ୍ତମାନ ଏହି ଅନୁଷ୍ଠାନରେ ସ୍ଥାୟୀ ଅଧ୍ୟକ୍ଷ ନଥିବା ବେଳେ ଦାୟିତ୍ୱରେ ଥିବା ଜଣେ ଅଧ୍ୟାପକ ତରବରିଆ ଭାବେ ଅତିଥି ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ଚୟନ କମିଟି ଗଠନ କରିଥିବା ଅଭିଯୋଗ ହୋଇଛି। କିନ୍ତୁ ଏଥିରେ ବ୍ୟତିକ୍ରମ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବରିଷ୍ଠଙ୍କୁ ଉପେକ୍ଷିତ କରି କନିଷ୍ଠଙ୍କୁ ଏଥିରେ ସାମିଲ କରାଯିବା ନେଇ ଦ୍ୱନ୍ଦ୍ୱ ଉପୁଜୁଛି। ଯଦି ଏହି ଅନୁଷ୍ଠାନରେ ବରିଷ୍ଠତା ନଥାଏ ତେବେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟର ପ୍ରଫେସର ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରାଯିବାର ନିୟମ ରହିଥିବା ଜଣାପଡ଼ିଛି। କିନ୍ତୁ ଏହି ନିୟମକୁ ଅନୁଷ୍ଠାନ ପକ୍ଷରୁ ଖିଲାପ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅନୁଷ୍ଠାନରେ ଦୁଇଟି ପ୍ରଫେସର, ଦୁଇଟି ଆସୋସିଏଟ ପ୍ରଫେସର ଓ କିଛି ଆସିଷ୍ଟାଣ୍ଡ ପ୍ରଫେସର ପଦବୀ ପାଇଁ ଚୟନ ହେବ।

ବିଡ଼ମ୍ବନାର କଥା ଦକ୍ଷତା ଓ ଅଭିଜ୍ଞତା ନଥିବା ବ୍ୟକ୍ତି ବିଶେଷ କିଭଳି ଓ କେଉଁ ମାନଦଣ୍ଡ ଅନୁସାରେ ଉପରୋକ୍ତ ପଦବୀ ଲାଗି ଚୟନ କରିବେ ବୋଲି ପ୍ରଶ୍ନ ଉଭା ହୋଇଛି। ଗତ କିଛିଦିନ ପୂର୍ବେ ଏହି ଅନୁଷ୍ଠାନର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଅବସର ନେଇ ଯାଇଛନ୍ତି। ପୁଣି ସେ ପ୍ରଫେସର ପଦବୀ ଲାଗି ଆବେଦନ କରୁଥିବା ନେଇ ସୂଚନା ମିଳିଛି। ତାଙ୍କୁ ସୁହାଇଲା ଭଳି କମିଟି ଗଠନ କରାଯାଇଥିବା ଚାରିଆଡ଼େ ଚର୍ଚ୍ଚା ହେଉଛି। ଏହା ପଛରେ ଉଚ୍ଚଶିକ୍ଷା ବିଭାଗର ବଡ଼ ଅଫିସରଙ୍କ ହାତ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଉଚ୍ଚଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିବା ସହ ନିଯୁକ୍ତି ପ୍ରକ୍ରିୟାରେ ଅଭିଜ୍ଞତା ସମ୍ପନ୍ନଙ୍କୁ ସାମିଲ ଓ ସ୍ୱଚ୍ଛତା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ ପହଞ୍ଚିଥିବା ସୂଚନା ମିଳିଛି।

## ପୂର୍ବ ଶତ୍ରୁତାରୁ ମାରପିଟ୍; ଦୁଇ ଗିରଫ

ରଙ୍ଗେଇଲୁଣ୍ଡା,୨୭ ।୬(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାରପିଟ ମାମଲାରେ ଗୋଳନ୍ଥରା ଥାନା ପୁଲିସ ଦୁଇଟି ମାମଲାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭାଲିଆଗଡ଼ ଗ୍ରାମର ବି ଦାମଦୋର (୩୭) ଓ ବି ପାପେୟା (୪୨) ବୋଲି ସୂଚନା ମିଳିଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ତ ଭାଲିଆଗଡ଼ ଗ୍ରାମର ପାପେୟା ଓ ଦାମଦୋର ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଚାଷ ଜମିରେ ଜଳସେଚନକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ବଚସା ହୋଇଥିଲା। ଗତକାଲି ସନ୍ଧ୍ୟାରେ ଦାମଦୋର ଓ ତାଙ୍କ ବାପାଙ୍କୁ ପାପେୟା ଜମିକୁ ଯାଉଥିବା ପାଣିକୁ ଅଟକାଉବା ନେଇ ପ୍ରଶ୍ନ କରିବା ସମୟରେ ମାରପିଟ୍ ହୋଇଥିଲା। ଏନେଇ ପାପେୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାର ପାଲଟାରେ ଦାମଦୋର ମଧ୍ୟ ଆକ୍ରମଣ ନେଇ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଉଭୟଙ୍କୁ ଗିରଫ କରିଛି।

## ଦାଦାବଟି ମାଗି ହତ୍ୟା ଧମକ; ଚାରି ଗିରଫ

- ମୋଟର ସାଇକେଲ ଓ ଖଣ୍ଡା ଜବତ

ରଙ୍ଗେଇଲୁଣ୍ଡା,୨୭।୬(ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ଏକ ଫାର୍ମ ହାଉସ ମାଲିକକୁ ଦାଦାବଟି ପାଇଁ ପିସ୍ତଲ ଦେଖେଇ ଭୟଭୀତ କରିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ ଗୋଳନ୍ଥରା ପୁଲିସ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୪ ଟି ମୋବାଇଲ, ୨ଟି ଖଣ୍ଡା ଓ ବାଇକ୍ ଜବତ କରିଥିବା ପୁଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ହେଲେ ଦିଗପହଣ୍ଡି ଥାନା ଅଧୀନ ଚାଉଁଡ଼ାପଲ୍ଲୀ ଅଞ୍ଚଳରେ ପାଣ୍ଡା ଗୌଡ଼, ଦେବେନ୍ଦ୍ର ଓରଫ ଚେରୁ ଗୌଡ଼, ନୀଳମାଧବ ଗୌଡ଼, ନୀତିନ ଓରଫ ନୀତିକେସନ ବିଷୋୟୀ ବୋଲି ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନା ଯେ, ବ୍ରହ୍ମପୁର ଶରଧାବାଲି ତୃତୀୟ ଲାଇନ ଅଞ୍ଚଳର ରମେଶ ଚନ୍ଦ୍ର ଦାଶ ଗତ ୩ ବର୍ଷ ପୂର୍ବେ ରମେଶ ଓ ତାଙ୍କ ପତ୍ନୀ ମହୁରୀ ଗଡ଼ ଅଞ୍ଚଳରେ ଏକ ଜମି କିଣି ସେଠାରେ ଫାର୍ମ ହାଉସ ନିର୍ମାଣ କରି ବିଭିନ୍ନ ଚାଷ କରିଆସୁଥିବା ବେଳେ ଏକ ପରିବାରକୁ ଯତ୍ନ ନେବାକୁ ନିୟୋଜିତ କରିଥିଲେ। ଜୁନ ୧୦ ତାରିଖ ସନ୍ଧ୍ୟାରେ କିଛି ଯୁବକ ଫାର୍ମ ହାଉସରେ ପଶି ଏକ ପିସ୍ତଲ ଓ ଖଣ୍ଡା ଦେଖେଇ ଫାର୍ମ ହାଉସ ମାଲିକକୁ କହିବ ୬ ଲକ୍ଷ ଟଙ୍କା ଦାଦାବଟି ଦେବ ନଚେତ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଖବର ପାଇ ଗତ ମଙ୍ଗଳବାର ରମେଶ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବିଜେପି ପକ୍ଷରୁ ରକ୍ତଦାନ ଶିବିର



ଛତ୍ରପୁର,୨୭ ।୬(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସ ଅବସରରେ ବିଜେପି ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରକୁ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ୪୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପ୍ରଥମେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର. ସନ୍ତୋଷ ରେଡ୍ଡୀ, ରାଜ୍ୟ ପରିଷଦ ସଦସ୍ୟ ପଦ୍ମଚରଣ ସାହୁ, ଯୁବନେତା ବନୋଜ ନାହାକ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଗଞ୍ଜାମ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ରଘୁନାଥ ସାହୁ, ଲକ୍ଷ୍ମୀନାରାୟଣ ପଣ୍ଡା, ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, କଣମଣା ମଣ୍ଡଳ ସଭାପତି ଏନ. ଦୀନବନ୍ଧୁ, ପି. ରାମବାବୁ, ସଂଜିତ କୁମାର ରାଉଳ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ଜନପ୍ରତିନିଧି, ପଞ୍ଚାୟତ ପ୍ରତିନିଧି ଏବଂ ଆଗଧାଡିର ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ସ୍ମୃତି ଦିବସ

କବିସୂର୍ଯ୍ୟନଗର,୨୭ ।୬(ସମିସ): ବ୍ରହ୍ମକୁମାରିସ୍ ପ୍ରଭୁପ୍ରୀତ ଭବନ କବିସୂର୍ଯ୍ୟନାଗର ତରଫରୁ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକା ଜଗଦମ୍ବା ସରସ୍ୱତୀଙ୍କର ୬୦ତମ ଅବ୍ୟକ୍ତ ସ୍ମୃତିଦିବସ ପାଳନ ହୋଇଛି। ଏହି ଅବସରରେ ପ୍ରଭୁପ୍ରୀତ ଭବନର ସଞ୍ଚାଳିକା ବ୍ରହ୍ମକୁମାରୀ ସୁଜ୍ଞାନୀ ଭଉଣୀ ମାତେଶ୍ୱରୀଙ୍କ ସ୍ମୃତିଚାରଣ କରିଥିଲେ। ମାତେଶ୍ୱରୀ ନିଜର ମାତୃବତ୍ ସ୍ନେହ ଓ ପ୍ରସାଦରେ ଈଶ୍ୱରୀୟ ପ୍ରେମ ଓ ବିଶ୍ୱାସ ଦ୍ୱାରା ବିଶ୍ୱରେ ନାରୀ ସଶକ୍ତିକରଣ ସହ ପରମାତ୍ମାଙ୍କର ଦୈବୀ ସ୍ୱରାଜ୍ୟ ସ୍ଥାପନାର ଲକ୍ଷ୍ୟକୁ ସାକାର କରିବାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ବ୍ୟକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ଧରଣୀ, ନିରୁପ୍ରଭା, ଆଶା, ଅନୁ, ବ୍ରହ୍ମକୁମାର ବିଶ୍ୱନାଥ, ଚରଣ, ନାଗେଶ୍ୱର, ସୁରେଶ, ସନ୍ତୋଷ ପ୍ରମୁଖ ସହଯୋଗ ଦେଇଥିଲେ।

## ବିଜ୍ଞାନ କଲେଜ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗହଣ

କୁକୁଡାଖଣ୍ଡି,୨୭ ।୬(ସମିସ): କୁକୁଡାଖଣ୍ଡି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗହଣ କରିଛନ୍ତି ଶର୍ମିଷ୍ଠା ମହାନ୍ତି। ପୂର୍ବରୁ ଅଧ୍ୟକ୍ଷ ଭାବେ ବିଭୁପ୍ରସାଦ ପାତ୍ର ଦାୟିତ୍ୱ ବହନ କରିଆସୁଥିଲେ। ବୁଧବାର ଦିନ ଉକ୍ତ କଲେଜର ସ୍ନାତକୋତ୍ତକ ଶିକ୍ଷକ ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଶିକ୍ଷୟତ୍ରୀ ଶର୍ମିଷ୍ଠା ମହାନ୍ତିଙ୍କୁ ଶ୍ରୀ ପାତ୍ର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଶ୍ରୀ ପାତ୍ରଙ୍କ ପଦୋନ୍ନତି ହୋଇଛି। ଶ୍ରୀ ପାତ୍ରଙ୍କ ବିଦାୟୀ ସମୟରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। କଲେଜର ଉନ୍ନତି ଉପରେ ଦୃଷ୍ଟି ଆକର୍ଷଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଆନୁଷ୍ଠାନିକ ଉନ୍ନତି ଦିଗରେ ଧ୍ୟାନ ଦିଆଯିବ ବୋଲି ନୂତନ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ମତବ୍ୟକ୍ତ କରିଛନ୍ତି।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ

ଗଞ୍ଜାମ,୨୭ ।୬(ସମିସ): ଗଞ୍ଜାମ ସହର ସ୍ଥିତ ମଧ୍ୟଖଣ୍ଡ ସାହି ଏକ୍ସ ବୋର୍ଡ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍କୁଲ ସମ୍ମୁଖରେ ରହିଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ପ୍ରେସ୍ କ୍ଲବ ସଭାପତି ଶବର କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସମାଜସେବୀ ତ୍ରିନାଥ ପାଣିଗ୍ରାହୀ, ଅଧ୍ୟାପକ ଗିରିଶ ଆଚାର୍ଯ୍ୟା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ବେହେରା, ସମାଜସେବୀ ମଙ୍ଗରାଜ ପଣ୍ଡା ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ପୌରଞ୍ଚଳ ବରିଷ୍ଠ ନାଗରିକ ପରିଷଦ ସଦସ୍ୟ କନ୍ଧ ଶତପଥୀ, ଓଡିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ପ୍ରେସ୍‌କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ, ନିରଞ୍ଜନ ପରିଡା, ସୁଧୀର ପାଢ଼ୀ, ବଟକୃଷ୍ଣ ରାଉଳ, ମନୋଜ ପ୍ରଧାନଙ୍କ ସମେତ ମୁରଲୀ ମୋହନ ଦାଶ, ପ୍ରଶାନ୍ତ ବୈଠାରୁ, ଆଶୁତୋଷ ଦାଶ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ସ୍କୁଲର ଭବାନୀ ଶଙ୍କର ପଟ୍ଟନାୟକ, ସୁଜ୍ଞାନୀ ତ୍ରିପାଠୀ, ଗାୟତ୍ରୀ ବେହେରା, ହେମାମାଳିନୀ ବେହେରା, ସୁରେନ୍ଦ୍ର ପଲେଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିଲାମାନେ ଉପସ୍ଥିତ ରହିଥିଲେ।

## ରୋଟାରୀ କ୍ଲବ୍‌ର ପ୍ରତିଷ୍ଠା ଦିବସ



ଭଞ୍ଜନଗର,୨୭ ।୬(ସମିସ): ସ୍ଥାନୀୟ ରୋଟାରୀ କ୍ଲବ କାର୍ଯ୍ୟାଳୟରେ କ୍ଲବର ପ୍ରତିଷ୍ଠା ଉତ୍ସବ ସଭାପତି ବସନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସମ୍ପାଦକ ରାମଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ସହ କ୍ଲବର କାର୍ଯ୍ୟକ୍ରମ ଉପରେ କହିଥିଲେ। ପୂର୍ବତନ ସଭାପତି ଶ୍ରୀରାମ ପ୍ରସାଦ ପାଲ, ସନ୍ତୋଷ କୁମାର ଜେନା ଓ ପ୍ରଶାନ୍ତ କୁମାର ସାହୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଦିନଟି ପୂର୍ବତନ ସଭାପତି ସନ୍ତୋଷ ଜେନାଙ୍କ ଏକତିରିଶତମ ବିବାହ ବାର୍ଷିକୀ ହୋଇଥିବା ଯୋଗୁଁ ଏବଂ ପୂର୍ବତନ ସଭାପତି ସନତ କୁମାର ସୁବୁଦ୍ଧି, ବିଶ୍ୱଜିତ ପୃଷ୍ଟିଙ୍କ ଜନ୍ମଦିନ ପାଇଁ କ୍ଲବ ତରଫରୁ ହସଖୁସିରେ ସମସ୍ତ ରୋଟାରୀ ପରିବାର ତରଫରୁ ପାଳନ କରାଯାଇଥିଲା। କ୍ଲବ ସମ୍ପର୍କରେ ପ୍ରାକ୍ତନ ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକ ସୂଚନା ପ୍ରଦାନ ସହ ତାର ନୀତିନିୟମ ଉପରେ ବୁଝାଇଥିଲେ। ଅନ୍ୟତମ ପ୍ରାକ୍ତନ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ସନତ କୁମାର ସୁବୁଦ୍ଧି ଅତୀତର କାର୍ଯ୍ୟ ସହ ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ କହିଥିଲେ। ଆଗାମୀ ୨୦୨୫-୨୬ ସଭାପତି ରଞ୍ଜିତ କୁମାର ବାରିକ ଚଳିତ ବର୍ଷର ସମସ୍ତ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ପ୍ରଦାନ ସହ ସମସ୍ତଙ୍କ ସହଯୋଗରେ କ୍ଲବର ସେବା ଓ ସହଯୋଗ କାମନା କରିଥିଲେ। ରୋଟାରିଆନ ସୁଧୀର କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ମନରେଗା କାମ ନ କରି ଅର୍ଥ ଆତ୍ମସାତ୍ ଅଭିଯୋଗ



ସାନଖେମୁଣ୍ଡି,୨୭।୬(ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ପଞ୍ଚାୟତ ପରିସର ଠାରୁ ଶ୍ମଶାନ ରାସ୍ତା ମେଟାଲ ମୋରମ କାମରେ ମନରେଗାରେ କୌଣସି କାର୍ଯ୍ୟ ନ କରି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କ ନାମରେ ଜାଲ୍ ମଷ୍ଟରରୋଲ ପ୍ରସ୍ତୁତ ହୋଇ କୌଣସି କାମ ନକରି ବିଭାଗୀୟ କର୍ମଚାରୀ ମାଲାମାଲ ହୋଇଛନ୍ତି। ୨୦୨୫-୨୬ରେ ୱାର୍କ କୋଡ୍ ନଂ. ୨୪୧୨୦୨୦୦୧୪/୧୦୫୯୯୩୩ରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯିବା ସହିତ ଏହି କାମରେ ଶ୍ରମିକ ନିୟୋଜିତ ହୋଇଥିବା ଦର୍ଶାଯାଇଛି। କିନ୍ତୁ ଉକ୍ତ ସ୍ଥାନରେ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସିମେଣ୍ଟ ରାସ୍ତା ନିର୍ମାଣ ହୋଇସାରିଛି। ଏଥିରେ ୨ ଲକ୍ଷ ୮ ହଜାର ୨୨୮ ଟଙ୍କା ବିଲ୍ ହୋଇଥିଲା। ଏହି କାମ ପ୍ରକୃତରେ ହୋଇନାହିଁ। ଶ୍ରମିକଙ୍କ ନାମରେ ଜାଲ ମଷ୍ଟରରୋଲ ପ୍ରସ୍ତୁତ କରି ଅର୍ଥ ଆତ୍ମସାତ୍ କରାଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେଣୁ ପଞ୍ଚାୟତରେ ଚାଲିଥିବା ଏଭଳି ଅନିୟମିତତା ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜନସାଧାରଣ ଦାବି କରିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତପ୍ରଭା ରଥଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଉକ୍ତ କାର୍ଯ୍ୟ ବିଷୟରେ ବିଡିଓଙ୍କୁ ଯୋଗାଯୋଗ କରନ୍ତୁ ପରେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି କି, ମୁଁ କୌଣସି ବିଷୟ ଜାଣିନାହିଁ ଆପଣ ମୋତେ ଡିଟେଲସ ପଠାନ୍ତୁ ପରେ ମୁଁ ବୁଝିକି କହିବି।

## ଦଳିତଙ୍କୁ ନିର୍ଯାତନା ଘଟଣା: ସମୀକ୍ଷା କଲା ଏଆଇସିସି ଟିମ୍

ଧରାକୋଟ,୨୭ ।୬(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଜାହାଡା ଗ୍ରାମରେ ଦୁଇ ଦଳିତଙ୍କୁ ନିର୍ଯାତନା ଘଟଣାରେ ଗୁରୁବାର ଅଖିଳ ଭାରତୀୟ କଂଗ୍ରେସ କମିଟିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସିଙ୍ଗିପୁର ଗ୍ରାମ ଗସ୍ତ କରିଥିଲେ। ଏଥିରେ ଏଆଇସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ, ବିହାର ସାଂସଦ ମନୋଜ ରାମ, ତେଲେଙ୍ଗାନାର ସାଂସଦ ଭି କେ ଗଡମ୍, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଚେୟାରମ୍ୟାନ୍ ମାନସ ମଲିକ ଓ ତାଙ୍କ ଟିମ୍‌ର ସଦସ୍ୟ ଭାଗିରଥି ବେହେରା, ଭୋକାଲି ସେଠି, ଜୟନ୍ତ ଭୋଇ, ଜିଲ୍ଲା ପୂର୍ବଖଣ୍ଡ ସଭାପତି ଦୀପକ୍ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଘଟଣାର ତୀବ୍ର ନିନ୍ଦା କରିବା ସହ ଦୋଷୀମାନଙ୍କୁ ଫାଷ୍ଟ ଟ୍ରାକ କୋର୍ଟରେ ବିଚାର କରି ତୁରନ୍ତ ଦଣ୍ଡ ବିଧାନ କରିବା ସହ ପୀଡିତ ପରିବାରକୁ ଆର୍ଥିକ ସହାୟତା ଏବଂ ସୁରକ୍ଷା ଦେବାକୁ ରାଜେନ୍ଦ୍ର ପାଲ୍ ଗୌତମ ଦାବି କରିଛନ୍ତି। ଏପରିକି ଏକ ସ୍ୱର୍ଶକାତର ପ୍ରସଙ୍ଗରେ ଲୋକ ସଭାରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଦାବି ଉପସ୍ଥାପନ କରାଯିବା ବୋଲି ପ୍ରେସ୍ ବିବୃତିରେ କହିଛନ୍ତି। ଘଟଣାର ୫ ଦିନ ବିତି ଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ପୀଡ଼ିତ ପରିବାରଙ୍କୁ ଶାସକ ଦଳ ତରଫରୁ



କୌଣସି କ୍ଷତି ପୂରଣ ନ ଦେବା ନେଇ ସାନଖେମୁଣ୍ଡି ବିଧାୟକ କ୍ଷୋଭ ପ୍ରକାଶ କରିଛନ୍ତି। ପୀଡିତଙ୍କୁ ଉଚିତ ନ୍ୟାୟ ନ ମିଳିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଅନୁସୂଚିତ ଜାତି ସମନ୍ୱୟ କମିଟି ରାଜ ରାସ୍ତା କୁ ଓହ୍ଲେଇବ ବୋଲି ଅନୁସୂଚିତ ଜାତି ସମନ୍ୱୟ ସମିତିର ରାଜ୍ୟ ସଂଯୋଜକ ଅଭିରାମ ମଲ୍ଲିକ, ସଂଗ୍ରାମ ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରି ପୀଡ଼ିତଙ୍କୁ ଭେଟି କ୍ଷୋଭ ପ୍ରକାଶ କରିଛନ୍ତି।

## ଇନ୍ଦ୍ରଗଡ଼ ସାହି ରାସ୍ତା ଶୋଚନୀୟ

ଜଗନ୍ନାଥପ୍ରସାଦ,୨୭।୬(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳର ଇନ୍ଦ୍ରଗଡ଼ ସାହି। ଏହି ସାହିଟି ଜଗନ୍ନାଥ ପ୍ରସାଦ ମୁଖ୍ୟ ବଜାର ନିକଟ କରଞ୍ଜେଇ ସାହିଠାରୁ ମାତ୍ର ୩ଶହ ମିଟର ଦୂରରେ ଥିବାବେଳେ ସାହିର ରାସ୍ତା ଶୋଚନୀୟ ହୋଇ ପଡିଛି। ସାମାନ୍ୟ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଦୀର୍ଘଦିନ ଧରି ଏଠାରେ ଏହି ସମସ୍ୟା ଲାଗି ରହିଥିବାବେଳେ ଲୋକେ ଯାତାୟାତବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଗାତ ହୋଇଥିବା ବେଳେ ବର୍ଷା ହେଲେ ସେହି ଗାତରେ ପାଣି ଜମି ରହୁଛି। କାଦୁଅ ପଚପଚ ରାସ୍ତାରେ କୁନିକୁନି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କଷ୍ଟସାଧ ହେଉଛି। ଏପରିକି ଦୁଇ ଚକିଆ ଯାନ ହେଉ କି ଓ ଭାରିଯାନ କିମ୍ବା ଆମ୍ବୁଲାନ୍ସ ଯିବାଆସିବା ସମ୍ଭବ ହେଉନାହିଁ। ଏହା ହେଉଛି ଭଞ୍ଜନଗର ଭୁବନେଶ୍ୱର ରାଜ୍ୟ ରାଜପଥ ୨୧କୁ ଲାଗି ରହିଥିବା କରଞ୍ଜେଇ ଠାରୁ ଇନ୍ଦ୍ରଗଡ଼ ରାସ୍ତା। ଏହି ରାସ୍ତାର ଦୈର୍ଘ୍ୟ ହାରାହାରି ୩୫୦ମିଟର ଦୂର ହେବ।



୫୦ମିଟର ପକ୍କା ରାସ୍ତା ହୋଇଥିବା ବେଳେ ଅନ୍ୟପାଖ ଅଧାପନ୍ତରିଆ ହୋଇରହିଛି। ବିଗତ ୫ବର୍ଷ ପୂର୍ବେ ରାସ୍ତାର ପ୍ରଶସ୍ତିକରଣ ଓ ମୋରମ ବିଛା କାର୍ଯ୍ୟ ପାଇଁ କରଞ୍ଜେଇ ସାହିଠାରୁ ଇନ୍ଦ୍ରଗଡ଼ ସାହି ୧୦ଲକ୍ଷ ଓ ଇନ୍ଦ୍ରଗଡ଼ ଠାରୁ ଅରୁଣାଞ୍ଚଳ ଘାଇ ପର୍ଯ୍ୟନ୍ତ ୫ଲକ୍ଷ ସର୍ବ ମୋଟ ୧୫ଲକ୍ଷ ଟଙ୍କା ପଞ୍ଚାୟତ ଫଣ୍ଡ ଦ୍ୱାରା କାର୍ଯ୍ୟ ହୋଇଥିବା ପୂର୍ବତନ ଜନପ୍ରତିନିଧି ଦେବୀପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। ଇନ୍ଦ୍ରଗଡ଼ ସାହିରେ ୪୦ ପରିବାର ବସବାସ କରୁଥିବା ବେଳେ ପ୍ରତିଦିନ ଶତାଧିକ ଗ୍ରାମବାସୀ ଓ ଚାଷୀ ଏହି ରାସ୍ତା ଦେଇ ଯାତାୟାତ କରନ୍ତି।

ଏହା ବ୍ୟତୀତ ଅରୁଣାଞ୍ଚଳ ଘାଇଟି କ୍ଷୁଦ୍ରଜଳସେଚନ ବିଭାଗର ହୋଇଥିବାରୁ ବିଭାଗୀୟ ଅଧିକାରୀମାନେ ଘାଇର ତଦାରଖ ପାଇଁ ଏହି ରାସ୍ତାରେ ଯିବାଆସିବା କରନ୍ତି। ଦୀର୍ଘଦିନ ହେବ ରାସ୍ତା ମରାମତି ନେଇ ଦାବି କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଦିବସ



ଛତ୍ରପୁର,୨୭ ।୬(ସମିସ)

ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରାବାର ନିରୋଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଗଞ୍ଜାମ ଅବକାରୀ ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ରାମକୃଷ୍ଣ ମଠ ମିଶନର ଅଧ୍ୟକ୍ଷ ସ୍ୱାମୀ ଆଶ୍ରୟାନନ୍ଦ ଜି ମହାରାଜ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅବକାରୀ ଅୟୁକ୍ତ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ ଏବଂ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଡ଼ିଏସଏସଓ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ମାଦକ ଦ୍ରବ୍ୟ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରାବାର ସମ୍ପୂର୍ଣ୍ଣ ରୋକିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଜିଲ୍ଲା ଅବକାରୀ ଉପ ଅଧୀକ୍ଷକ ସ୍ୱାଧୀନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଉପ ଅଧୀକ୍ଷକ ଅଳକା ସୁନା, ଛତ୍ରପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଅବକାରୀ ନିରୀକ୍ଷକ ଅଂଶୁମାନ ଜେନା, ଉପ ନିରୀକ୍ଷକ ସୂର୍ଯ୍ୟନାରାୟଣ ରଥ, ଆସ୍କା ଓ ଭଞ୍ଜନଗର ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନ, ଛତ୍ରପୁର ଅବକାରୀ ନିରୀକ୍ଷକ ବାଳକ ବିଶି, ଛତ୍ରପୁର ଅବକାରୀ ଥାନାଧିକାରୀ ସୁବ୍ରତ କୁମାର ଦାସ, ଆସ୍କା ଅବକାରୀ ଥାନାଧିକାରୀ ରାକେଶ ଖୁଣ୍ଟିଆଙ୍କ ସମେତ ବହୁ ଅବକାରୀ ବିଭାଗର କର୍ମଚାରୀ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସଚେତନତା ରଥକୁ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ: ଉଭୟ ପକ୍ଷରୁ ଚାରି ଗିରଫ

ଆସିକା/ବେଲଗୁଣ୍ଠା,୨୭ ।୬(ସମିସ)



ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆସିକା ବ୍ଲକ, ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳୀ ଅଞ୍ଚଳରେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି ସେହି ଗ୍ରାମର ବସନ୍ତ ବିଷୋୟୀ (୪୦)। ବସନ୍ତଙ୍କ ଅଭିଯୋଗ ପ୍ରକାରେ ଗୁରୁବାର ସକାଳେ ଖଣ୍ଡରାବଳୀ ବଙ୍ଗଳା ଛକରେ ତାଙ୍କ ଭାଇ ଟୁଟୁ ବିଷୋୟୀ ଚା' ପିଉଥିବାବେଳେ ଧୂମୂଛାଇ ଗ୍ରାମର ବାଦଲ ସ୍ୱାଇଁ, ଖଣ୍ଡରାବଳୀ ଗ୍ରାମର କାଳୁ ଚରଣ ବିଷୋଇ, ବଳରାମ ବିଷୋୟୀ, ଠାକୁର ବିଷୋୟୀ, ସିକୁ ବିଷୋୟୀ, ବଂଶୀଧର ବିଷୋୟୀ, ପଞ୍ଚାନନ ବିଷୋୟୀ, ନିରଞ୍ଜନ ବିଷୋୟୀ, ଦୀପକ ବିଷୋୟୀ ଏବଂ ବାଳକ ବିଷୋୟୀ ମାରଣାସ୍ତ୍ର ଧରି ଆସି ଟୁଟୁଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଳିଗୁଲଜ ସହିତ ଠେଲାପେଲା କରିଥିଲେ। ବସନ୍ତ ଘଟଣାସ୍ଥଳରେ ପହଞ୍ଚି ଟୁଟୁଙ୍କୁ ଉଦ୍ଧାର କରିବାକୁ ଗଲାବେଳେ ଆକ୍ରମଣକାରୀ ତାଙ୍କୁ ମଧ୍ୟ ସଂଘବଦ୍ଧ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ତେଣୁ ଭବିଷ୍ୟତରେ ବସନ୍ତଙ୍କ ପରିବାର ସଦସ୍ୟଙ୍କୁ ଜୀବନ ପ୍ରତି ବିପଦ ରହିଥିବାରୁ ସେ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତକାରୀ ଅଧିକାରୀ ଆର୍ତ୍ତତ୍ରାଣ ଦାନୀ ଅଭିଯୁକ୍ତ କାଳୁ ଚରଣ ବିଷୋୟୀ, ସିକୁ ବିଷୋୟୀ ଏବଂ ବାଦଲ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ପକ୍ଷରେ ବାଦଲ ସ୍ୱାଇଁ ମଧ୍ୟ ଟୁଟୁ ବିଷୋୟୀଙ୍କ ନାମରେ ଏକ ଏତାଲା ଦେବାପରେ ପୁଲିସ୍ ଟୁଟୁକୁ ଗିରଫ କରି କୋର୍ଟଚାଲାଣ କରିଛି। ବାଦଲର ଅଭିଯୋଗ ପ୍ରକାରେ ରାଜନୀତିକ ଘଟଣାକୁ କେନ୍ଦ୍ର କରି ବୁଧବାର ସନ୍ଧ୍ୟା ୫ଟାରେ ଟୁଟୁ ବାଦଲକୁ ଗାଳି କରିଥିଲା। ଆଜି ସକାଳ ଆଠ ଘଣ୍ଟା ତିରିଶ ମିନିଟ୍ ସମୟରେ ବାଦଲ ମନରେଗା କାର୍ଯ୍ୟରେ ଖଣ୍ଡରାବଳୀ ବଙ୍ଗଳା ପଟେ ଯାଉଥିବା ବେଳେ ଟୁଟୁ ଆସି ପୁନଶ୍ଚ ବାଦଲକୁ ଗାଳି କରିବାରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବାଦଲର ଏତାଲା ପ୍ରକାରେ ଗାଙ୍ଗପୁର ଥାନାରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ପ୍ରକାଶ କରିଛନ୍ତି।

# ଭାଇ, ଭଉଣୀଙ୍କ ସହ ଘୋଷଯାତ୍ରାରେ ଶ୍ରୀଜିଉ


ଦାରିଙ୍ଗବାଡି


ଜି. ଉଦୟଗିରି


କାଶୀନଗର


ମୋହନା


ପାରଳା


କାଶୀନଗର
ପାରଳା


ଫିରିଙ୍ଗିଆ


ରାଇକିଆ


ରାୟଗଡ଼

ପାରଳାଖେମୁଣ୍ଡି, ୨୭।୬(ସମିସ): ଦକ୍ଷିଣ ଓଡ଼ିଶାର ସବୁଠୁ ବଡ ରଥଯାତ୍ରା ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇଛି। ପ୍ରବଳ ଜନସମାଗମ ତଥା ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡରେ ଠାକୁରଙ୍କ ରଥ ଶ୍ରୀଗୁଣ୍ଡିଚା ବାଡିରେ ପହଞ୍ଚିଥିଲା। ଭୋର୍‌ରୁ ଆଳତୀ ପରେ ସକାଳ ୮ଟାରେ ତିନିରଥର ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା କର୍ତ୍ତା ଭାବେ ଯୋଗଦେଇ ହୋମ ଯଜ୍ଞ ଆଦି କରିଥିଲେ। ପୂର୍ବାହ୍ନ ୧୧ ଘଣ୍ଟାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଅନୁଷ୍ଠିତ ହୋଇ ମଧ୍ୟାହ୍ନ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା ଏବଂ ତାପରେ ପାରଳାଖେମୁଣ୍ଡି ମହାଦେଇ କଲ୍ୟାଣୀ ଗଜପତି ତିନିରଥରେ ଛେରା ପହଁରା କରି ତିନି ଠାକୁରଙ୍କ ନିକଟରେ ଆଳତୀ କରିଥିଲେ। ଅପରାହ୍ନ ୪ଟାରେ ତିନିରଥ ଟଣା ଆରମ୍ଭ ହୋଇଥିଲା। ସୁଭଦ୍ରା ରଥକୁ ମହିଳା ଟାଣିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ବ୍ୟାପକ ପୁଲିସ ଫୋର୍ସ ସମେତ ୨୦ରୁ ଅଧିକ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ରଥଯାତ୍ରା କମିଟି ସମସ୍ତ ସଦସ୍ୟ ଗଣ ପରିଚାଳନାରେ ସହଯୋଗ କରିଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ପାରମ୍ପରିକ ପୋଷାକ ପିନ୍ଧି ପହଣ୍ଡିରେ ସାମିଲ ହୋଇଥିଲେ।

**ଫିରିଙ୍ଗିଆ:** ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଶଙ୍ଖ କ୍ଷେତ୍ରରେ ଆଜି ଧୁମ୍‌ଧାମରେ ଘୋଷଯାତ୍ରା ପାଳିତ ହୋଇଛି। ଫିରିଙ୍ଗିଆ ଜଗନ୍ନାଥ ମନ୍ଦିରରେ ଯଥାବିଧି ତିନି ଠାକୁର ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପହଣ୍ଡି ହୋଇ ରଥାରୁଢ଼ ପରେ ରଥଟଣା ଆରମ୍ଭ ହୋଇଥିଲା। ଦିନ ୩ ଟାରୁ ବିଭିନ୍ନ ଘଣ୍ଟ ବାଦ୍ୟ ଓ ସଂକୀର୍ତ୍ତନ ଦଳ ସହ ହଜାର ହଜାର ଭକ୍ତଙ୍କ ଗହଣରେ ରଥ ଟାଣିଥିଲେ ଭକ୍ତ। ପ୍ରତିବର୍ଷ ଅପେକ୍ଷା ଚଳିତ ବର୍ଷ ମୀନାବଜାର ଓ ବିଭିନ୍ନ ସାଜସଜା ସହ ନୂତନ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ହୋଇଥିବାରୁ ଅଧିକ ଗହଳି ଲାଗିରହିଥିଲା। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ପଦ୍ମନାଭ ବେହେରାଙ୍କ ସହ ସମସ୍ତ କମିଟି ସଦସ୍ୟ ଏବଂ ଅଞ୍ଚଳବାସୀଙ୍କ ସହଯୋଗରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରାତି ୭ ଟାରେ ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଥିଲା। ରଥରୁ ୩ ଠାକୁରଙ୍କୁ ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିରକୁ ଅଣାଯାଇଥିଲା।

**ରାୟଗଡ଼:** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କର ମିଳନ ହୋଇଛି। ରାୟଗଡ଼ରେ ପ୍ରଥମେ ରଥ ଓ ପରେ ଗୁଣ୍ଡିଚା ମନ୍ଦିରର ପ୍ରତିଷ୍ଠା କରାଯାଇଥିଲା। ଗ୍ରାମର ବିଶୋୟୀଙ୍କ ଘରୁ ଆଜ୍ଞାମାଳ ପାଇବା ପରେ ପୂଜାରୀ ଶିବ ପାତ୍ର, ପୁରୋହିତ ମଣିକଣ୍ଠ ପାଢ଼ୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ୫ଟାରେ ପହଣ୍ଡି ଆରମ୍ଭ କରିଥିଲେ। ମୁଖ୍ୟ ପୁରୋହିତ ପ୍ରତାପ ପାଢ଼ୀ ଛେରାପହଁରା କରିବା ପରେ ୬ଟାରେ ରଥଟଣା ଆରମ୍ଭ ହୋଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରସାଦ ଘଡ଼ାଇ ପରିଚାଳନା କରିଥିବା ବେଳେ ସମ୍ପାଦକ ବି. କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ପ୍ରଫୁଲ୍ଲ ବେହେରା, କୋଷାଧ୍ୟକ୍ଷ ଦିଲୀପ କୁମାର ନାୟକଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ। ସେହିପରି ଜିରାଙ୍ଗ ବଳଦେବ ଜୀଉଙ୍କ ପହଣ୍ଡି କରି ରଥ ଉପରେ ପ୍ରଭୁ ଦର୍ଶନ ଦେଇଥିଲେ। ଆସନ୍ତାକାଲି ରଥ ଟଣାଯିବାର କାର୍ଯ୍ୟକ୍ରମ ରହିଛି। ନାରାୟଣପୁର, ଗଣ୍ଡାହାତୀ, ମଣ୍ଡଳସାହି, ଖମ୍ବାରି ସାହି, ଅମେଡା ଆଦି ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ରଥ ଟଣା ହୋଇଯାଇଛି। ନୂଆଗଡ଼ ତହସିଲଦାର ମୋନାଲିସା ଆଚାର୍ଯୀ, ଥାନା ଅଧିକାରୀ କମଳା ଚୌଧୁରୀଙ୍କ ସହ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

**କାଶୀନଗର:** କାଶୀନଗରରେ ନୀତିକାନ୍ତି ଠିକ ସମୟରେ ସରିବା ପରେ ସନ୍ଧ୍ୟାରେ ରଥ ଟଣା ଯାଇଥିଲା। ବିଭିନ୍ନ ପଞ୍ଚାୟତରେ ବହୁ ଲୋକେ ରଥଟଣାରେ ସାମିଲ ହୋଇଥିଲେ। ସ୍ଥାନୀୟ ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ବସ୍‌ଷ୍ଟାଣ୍ଡରେ ରଥ ଅଟକି ଥିଲା। ଏହି ଅବସରରେ କାଶୀନଗର ଅଧ୍ୟକ୍ଷା ଏମ. ସୁଧାରାଣୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଜିଲ୍ଲା ପରିଷଦ ଜୋନ୍ ୧ସଦସ୍ୟା ଆର. ରାଜ୍ୟଲକ୍ଷ୍ମୀ, ସ୍ଥାନୀୟ ନେତା ଆର.ରାମ ପ୍ରସାଦ ଓ ଆର.ସତୀଶ କାଶୀନଗର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଲୋକଙ୍କ ମଙ୍ଗଳ ନିମନ୍ତେ ପ୍ରଭୁଙ୍କ ପ୍ରାର୍ଥନା କରିଥିଲେ।

**ମୋହନା:** ମୋହନା ଜଗନ୍ନାଥ ମନ୍ଦିରରେ ସକାରେ ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କୁ ଅଣସର ପିଣ୍ଡିରୁ ବାହାରକୁ ଅଣାଯାଇଥିଲା। ପରେ ସ୍ଥାନୀୟ ବ୍ରାହ୍ମଣ ସେବକ ଜଗନ୍ନାଥଙ୍କ ବିଗ୍ରହକୁ ପହଣ୍ଡି ବିଜେ କରି ରଥ ନିକଟକୁ ନେଇ ମହାପ୍ରଭୁଙ୍କୁ ରଥାରୂଢ଼ କରିଥିଲେ। ଅପରାହ୍ନଟାରେ ରଥଟଣା ହୋଇଥିଲା। ପ୍ରାୟ ପାଞ୍ଚ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରାତି ୮ଟା ରେ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିବାପରେ ଠାକୁରଙ୍କୁ ପହଣ୍ଡି କରି ମାଉସୀ ମା' ମନ୍ଦିରକୁ ନିଆଯାଇଥିଲା। ରଥଯାତ୍ରାକୁ ସୁରକ୍ଷିତ ଭାବେ ପରିଚାଳନା କରିବା ସହ ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ମୋହନା ଥାନା ଅଧିକାରୀ ବସନ୍ତ ସେଠୀଙ୍କ ନେତୃତ୍ୱରେ ପୁଲିସ ମୁତୟନ ହୋଇଥିଲେ। ମୋହନା ଡ୍ରାଇଭର ସଙ୍ଘ ସଭାପତି ବିଜି ବେହେର୍ଦ୍ଧଳାଇଙ୍କ ନେତୃତ୍ୱରେ ଡ୍ରାଇଭର ସଙ୍ଘ, ଯୁବକ ସଙ୍ଘ, ବଣିକ ସଙ୍ଘ ର ସଦସ୍ୟମାନେ ସୁରକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ।

**ଜି.ଉଦୟଗିରି:** ଜି.ଉଦୟଗିରିରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ରଥ ପ୍ରତିଷ୍ଠା କରାଯିବା ସହିତ ଗେଲାସାହି ତ୍ରିନାଥ ମନ୍ଦିର ତରଫରୁ ଟାହିଆ ପ୍ରସ୍ତୁତ କରି ପଟୁଆରରେ ଅଣାଯାଇଥିଲା। ପରେ ତିନିଠାକୁରଙ୍କ ପହଣ୍ଡି ବିଜେ କରାଯିବା ପରେ ଛେରାପହଁରା ପାଇଁ କେ. ରାମାରାଓ ପାତ୍ରଙ୍କୁ ନିମନ୍ତ୍ରଣ କରାଯିବା ସହିତ ତିନି ରଥରେ ଛେରାପହଁରା କରାଯାଇଥିଲା। ପ୍ରଥମେ ବଳଭଦ୍ରଙ୍କ ରଥ ଟଣାଯାଇ ମାଉସୀ ମା' ମନ୍ଦିର ସମ୍ମୁଖରେ ଲାଗିବା ପରେ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳା ଟାଣି ଥିଲେ। ଶେଷରେ ଜଗନ୍ନାଥଙ୍କ ରଥକୁ ଶ୍ରଦ୍ଧାଳୁ ଟାଣି ମାଉସୀ ମା' ମନ୍ଦିର ସମ୍ମୁଖକୁ ନେଇଥିଲେ। ପରିଚାଳନା କମିଟି ତରଫରୁ ସଭାପତି ବିନୋଦ ବିହାରୀ ଦାଶଙ୍କ ତତ୍ତ୍ୱାବଧାନରେ ଉପ ସଭାପତି ମନୋରଞ୍ଜନ ପତି, ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ର, ଦଣ୍ଡପାଣି ପାଢ଼ୀ, କାଳୁ ଚରଣ ପଣ୍ଡା, ରାଜେନ୍ଦ୍ର ମହାପାତ୍ର, ଭଗବାନ ପଣ୍ଡା, ସଞ୍ଜୟ ଆଚାର୍ଯ୍ୟ, ସନ୍ତୋଷ ଆଚାର୍ଯ୍ୟ, ପ୍ରତାପ ପଣ୍ଡା, ସାନ୍ତନୁ ଆଚାର୍ଯ୍ୟ, ଉମା ସାମନ୍ତରାୟ, ସୋମୁ ପତି, ବାଳକୃଷ୍ଣ ପଣ୍ଡା, ସୀମାଞ୍ଚଳ ଦାଶ, ଅଚ୍ୟୁତ ପଣ୍ଡା, ଚନ୍ଦ୍ର କାନ୍ତ ପଣ୍ଡା, ମାନସ ପଣ୍ଡାଙ୍କ ସହିତ ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ସହଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

**ଦାରିଙ୍ଗବାଡି:** ଦାରିଙ୍ଗବାଡି ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ ହୋଇଛି। ଘଣ୍ଟ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲ ସାରା ଅଞ୍ଚଳ। ସିମନବାଡ଼ିରେ ରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜା ବରୁଣ ପାତ୍ର ଛେରାପହଁରା କରିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଡ଼ିଓ ପ୍ରୀତି ରଞ୍ଜନ ରଥ, ଡିଏସପି ତଥା ଥାନା ଇନଚାର୍ଜ କନକ ମାଝୀ ଓ ଏଏସଆଇ ଅର୍ଜୁନ ଶବର ପହଞ୍ଚି ରଥ ଯାତ୍ରା କାର୍ଯ୍ୟ ତଦାରଖ କରିଥିଲେ। ସଭାପତି ପ୍ରଦୀପ ସାହୁ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ବିଦ୍ଧାଣି, ସମ୍ପାଦକ ଆଶୁତୋଷ ସାହୁ, କୋଷାଧ୍ୟକ୍ଷ ଅଶୋକ ବେହେରା ପ୍ରମୁଖ ସହୋଯୋଗ କରିଥିଲେ। ସେହିପରି ଗୋଦାପୁର, କାଟିଙ୍ଗିଆ, ଗବାଟବାଡ଼ି, ବାଡାବାଙ୍ଗା, ଶ୍ରାନିକେତା ଆଦି ଅଞ୍ଚଳରେ ମଧ ଧୁମଧାମରେ ରଥ ଯାତ୍ରା ପାଳିତ ହୋଇଛି।

**ରାଇକିଆ:** ରାଇକିଆର ପ୍ରସିଦ୍ଧ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି। ସକାଳୁ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହ ବିଡ଼ିଓ ସବ୍ୟସାଚୀ ସାହୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ବିଡିଓଙ୍କ ଦ୍ୱାରା ଛେରା ପହଁରା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବିଭାଗ ତରଫରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। ଅପରାହ୍ନ ସାଢ଼େ ୫ଟାରେ ରଥଟଣା ଆରମ୍ଭ ହୋଇ ସାଢ଼େ ୬ଟା ବେଳେ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ଜଗନ୍ନାଥ ପୂଜା କମିଟି ସଭାପତି ସତ୍ୟବାନ ପାତ୍ର ଏବଂ ସମ୍ପାଦକ ବାଇନାଥ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଗବାନ ପାତ୍ର ଏବଂ ଗଦାଧର ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଗଜପତି ଛାତ୍ରଛାତ୍ରୀଙ୍କ ସଫଳତା




ପାରଳାଖେମୁଣ୍ଡି, ୨୭।୬(ସମିସ): ହାଇଦ୍ରାବାଦ ସ୍ଥିତ ଜିଏମସି ବାଲଯୋଗୀ ଇନଡୋର୍ ଷ୍ଟାଡିୟମରେ ଚଳିତ ବର୍ଷ ୮ମ ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଗତ ୨୫ ତାରିଖରୁ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଅନୁଷ୍ଠାନରୁ ୧୩ ଜଣ ପ୍ରତିଯୋଗୀ (୬ ବାଳିକା ଓ ୭ ବାଳକ) ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ମୁଖ୍ୟତଃ ଦୁଇଟି ବିଭାଗରେ ହୋଇଥିଲା। ଉଭୟ ବିଭାଗ ମଧ୍ୟରେ ଭାଗ ନେଇଥିବା ଏଲ୍. ନିହାଲଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ବେଳେ ଅନୁକମ୍ପ ମଲ୍ଲିକଙ୍କୁ ବ୍ରୋଞ୍ଜ, ରୌପ୍ୟ, ଭୁବନାନନ୍ଦ ଭୂୟାଁ ବ୍ରୋଞ୍ଜ ଓ ରୌପ୍ୟ, ବର୍ଷିତା ଦାସ ରୌପ୍ୟ ଓ ବ୍ରୋଞ୍ଜ, ସୁବର୍ଣ୍ଣା ସାହୁଙ୍କୁ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ, ପି.ସାଇସ୍ମିତାଙ୍କୁ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ, ଅନୁଶ୍ରୁତା ମଲ୍ଲିକଙ୍କୁ ୨ ରୌପ୍ୟ ପଦକ ମିଳିଥିବା ବେଳେ ଏଲ୍. ପ୍ରେମ କୁମାରଙ୍କୁ କାଂସ୍ୟ, ଧ୍ରୁବ ଜେନାଙ୍କୁ ରୌପ୍ୟ, ନେତାଜୀ ପାତ୍ରଙ୍କୁ ରୌପ୍ୟ, ପ୍ରିୟଲିରାଣୀ ଦାସଙ୍କୁ ରୌପ୍ୟ ପଦକ ମିଳିଛି। ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡ଼େମୀର ଏପରି ସଫଳତାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

